# NATIONAL NEWS BULLETIN (ODIA)

**3 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡର ସର୍ବାଙ୍ଗୀନ ବିକାଶ ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପ ଯୋଗୁଁ ମାନବ ବିକାଶ ସୂଚକାଙ୍କରେ ପରିବର୍ତ୍ତନ ଘଟିଛି, କହିଲେ ରାଷ୍ଟ୍ରପତି

- ଭାରତ ଏବେ ପ୍ରଯୁକ୍ତିବିଦ୍ୟାର ଉପଭୋକ୍ତା ନୁହେଁ, ବରଂ ପ୍ରମୁଖ ଭାଗିଦାର ପାଲଟିଛି, କହିଛନ୍ତି ପ୍ରଧାନମନ୍ତ୍ରୀ

- ଦେଶରେ ବୁଲା କୁକୁର ସଂପର୍କିତ ମାମଲାରେ ଆସନ୍ତା ୭ ତାରିଖରେ ରାୟ ପ୍ରକାଶ ପାଇବା ସମ୍ଭାବନା

ଏବଂ

- ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ନିମନ୍ତେ ପ୍ରଚାର କାର୍ଯ୍ୟ ଜୋରଦାର

## ପ୍ରେଜ୍-ଉତ୍ତରାଖଣ୍ଡ

ଉତ୍ତରାଖଣ୍ଡର ସର୍ବାଙ୍ଗୀନ ବିକାଶ ନିମନ୍ତେ ନିଆଯାଉଥିବା ପଦକ୍ଷେପ ଯୋଗୁଁ ରାଜ୍ୟର ମାନବ ବିକାଶ ସୂଚକାଙ୍କରେ ପରିବର୍ତ୍ତନ ଘଟିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ।

ଆଜି ଉତ୍ତରାଖଣ୍ଡ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧନ କରି, ରାଜ୍ୟରେ ସାକ୍ଷରତା ହାର ବୃଦ୍ଧି ଏବଂ ନାରୀଶିକ୍ଷାର ବିକାଶ ଦିଗରେ

ଗ୍ରହଣ କରାଯାଉଥିବା ପଦକ୍ଷେପ ନେଇ ଶ୍ରୀମତୀ ମୁର୍ମୁ ସନ୍ତୋଷ ବ୍ୟକ୍ତ କରିଛନ୍ତି ।  ଇତିମଧ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇବା ସହ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ଗତ ୨୫ ବର୍ଷ ମଧ୍ୟରେ ଉତ୍ତରାଖଣ୍ଡର ଜନସାଧାରଣ ବିକାଶର ପ୍ରଭାବଶାଳୀ ଲକ୍ଷ୍ୟ ହାସଲ କରିଛନ୍ତି:

**V/O (Prez- Uttarakhanda)**

ପବିତ୍ର ଉତ୍ତରାଖଣ୍ଡ ଭୂମିରୁ ଆଧ୍ୟାତ୍ମିକତା ଏବଂ ବୀରତ୍ୱର ପ୍ଲାବନ ଘଟିଆସିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଭୂମି ବହୁ ସାଧୁସନ୍ଥଙ୍କ ସାଧନାର କ୍ଷେତ୍ର ରହିଆସିଛି । କୁମାନ୍ ଓ ଗରୁୱାଲ୍ ରେଜିମେଣ୍ଟ ରାଜ୍ୟର ବୀରତ୍ୱର ପ୍ରତୀକ ବହନକରେ। ଭାରତୀୟ ସେନାରେ ଯୋଗଦେବା ଲାଗି ଯୁବକମାନେ ଉତ୍ସାହ ଦେଖାଇବା ସହ ମାତୃଭୂମିକୁ ରକ୍ଷା କରିବା ଲାଗି ଆଗେଇ ଆସୁଛନ୍ତି। ସେହିପରି ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ଲାଗି ଉତ୍ତରାଖଣ୍ଡର ବହୁ ଜନନାୟକଙ୍କ ଅବଦାନ ଅବିସ୍ମରଣୀୟ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

**V/O (Prez- Indian Army)**

# ଭିପି-କେରଳ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜିଠାରୁ ଦୁଇଦିନିଆ କେରଳ ଗସ୍ତରେ ଯାଇ ଥିରୁବନନ୍ତପୁରମ୍‌ଠାରେ ପହଞ୍ଚିବେ । ଦାୟିତ୍ୱ ଗ୍ରହଣ କରିବା ପରେ ଉପରାଷ୍ଟ୍ରପତିଙ୍କର ଏହା ପ୍ରଥମ କେରଳ ଗସ୍ତ । ଏହି ଗସ୍ତ

ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍ କୋଲ୍ଲାମ୍ ସ୍ଥିତ ଫାତିମାମାତା ନ୍ୟାସନାଲ୍ କଲେଜ୍‌ର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । କୋଲ୍ଲାମ୍ ଠାରେ ଭାରତୀୟ କତା ରପ୍ତାନୀ ସଂଘର ସଦସ୍ୟମାନଙ୍କ ସହ ଉପରାଷ୍ଟ୍ରପତି ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଥିରୁବନନ୍ତପୁରମ୍ ସ୍ଥିତ ଶ୍ରୀ ଚିତ୍ରା ତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମେଡିକାଲ୍ ସାଇନ୍ସ ଏବଂ ଟେକ୍ନୋଲୋଜି ପ୍ରତିଷ୍ଠାନ ଆସନ୍ତାକାଲି ଉପରାଷ୍ଟ୍ରପତି ପରିଦର୍ଶନ କରିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ପିଏମ୍

ଦେଶ ଏବେ ପ୍ରଯୁକ୍ତିବିଦ୍ୟାର ଏକ ଉପଭୋକ୍ତା ହୋଇ ରହିନାହିଁ, ବରଂ ପ୍ରଯୁକ୍ତିବିଦ୍ୟାର ଏକ ପ୍ରମୁଖ ଦେଶ ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ **ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସୃଜନ** ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ନବସୃଜନ କ୍ଷେତ୍ରରେ ନୂତନ ଇକୋସିଷ୍ଟମ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗବେଷଣାର ସହଜତା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି। ସେ କହିଛନ୍ତି, ଦେଶରେ ବିଶ୍ୱର ସବୁଠାରୁ ସଫଳତମ ଡିଜିଟାଲ୍ ଭିତ୍ତିଭୂମି ଉପଲବ୍ଧ ହେଉଛି ।

**V/O(PM- Innovetion)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ କିଛିବର୍ଷ ମଧ୍ୟରେ ଭାରତ ସବୁଜ ହାଇଡ୍ରୋଜେନ୍, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍, ଗଭୀର ସାମୁଦ୍ରିକ ଏବଂ ଜଟିଳ

ଖଣିଜ ପଦାର୍ଥ କ୍ଷେତ୍ରରେ ଗବେଷଣାକୁ ସରକାର ଗୁରୁତ୍ୱ ଦେଉଛନ୍ତି । ସେ କହିଛନ୍ତି, ଏକବିଂଶ ଶତାବ୍ଦୀ ଅଭୂତପୂର୍ବ ପରିବର୍ତ୍ତନର ସମୟ ଭାବେ ଉଭା ହୋଇଛି । ଯେତେବେଳେ ସାରା ବିଶ୍ୱ ଭାରତର ପରିବର୍ତ୍ତନକୁ ଗ୍ରହଣ କରିଛି ଏବଂ ଅନୁକରଣ ମଧ୍ୟ କରୁଛି ।

ସେ କହିଛନ୍ତି, ଭାରତୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ନବସୃଜନକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଅନୁସନ୍ଧାନ ରାଷ୍ଟ୍ରୀୟ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରାଯାଇଛି । ଘରୋଇ କ୍ଷେତ୍ରରେ ମଧ୍ୟ ଗବେଷଣା ଏବଂ ବିକାଶ କାର୍ଯ୍ୟକୁ ସମାନ ଭାବରେ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ସୁପ୍ରିମକୋର୍ଟ- ଡଗ୍ କେସ୍

ସର୍ବୋଚ୍ଚ ନ୍ୟାୟାଳୟ' ଦେଶରେ ବୁଲାକୁକୁର ସଂପର୍କିତ ମାମଲାରେ ଚଳିତ ମାସ ୭ ତାରିଖରେ ରାୟ ଶୁଣାଇବାର ସମ୍ଭାବନା ରହିଛି । ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଅନେକଗୁଡ଼ିଏ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର  ମୁଖ୍ୟ ଶାସନ ସଚିବମାନେ ଖଣ୍ଡପୀଠରେ ଉପସ୍ଥିତ ଥିଲେ ।

ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡ଼ି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ନ୍ୟାୟାଳୟଙ୍କ ନିକଟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଗତ ଅଗଷ୍ଟ ମାସ ୨୨ ତାରିଖରେ ସତ୍ୟପାଠ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା କାହିଁକି ଦାଖଲ କରାଯାଇ ନାହିଁ, ସେ ସଂପର୍କରେ ବିବରଣୀ

ପ୍ରଦାନ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏ ସଂପର୍କରେ ସରକାରୀ ଓକିଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଜଣାଇଛନ୍ତି ଯେ ଅନେକଗୁଡ଼ିଏ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ବୁଲା କୁକୁର ମାମଲାରେ ସତ୍ୟପାଠ ଦାଖଲ କରିସାରିଛନ୍ତି । ନ୍ୟାୟାଳୟ କହିଛନ୍ତି, ଭାରତୀୟ ପଶୁ ସମ୍ପଦ ବିକାଶ ବୋର୍ଡ ମଧ୍ୟ  ପକ୍ଷ ରହିବା ଆବଶ୍ୟକ । ଅନ୍ୟପକ୍ଷରେ ବୁଲା କୁକୁରଙ୍କ ଆକ୍ରମଣ ଶିକାର ହୋଇଥିବା ଆବେଦନକାରୀଙ୍କୁ ମଧ୍ୟ ଏହି ମାମଲାରେ ପକ୍ଷଭୁକ୍ତ ହେବା ଲାଗି ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି ।

# ବିହାର କ୍ୟାମ୍ପେନିଂ

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ଦିନ ପାଖେଇ ଆସୁଥିବା ବେଳେ ପ୍ରଚାର କାର୍ଯ୍ୟ ଜୋର ଧରିଛି । ବିଭିନ୍ନ ରାଜନୈତିକ ଦଳର ତାରକା ପ୍ରଚାରକ ଏବଂ ବରିଷ୍ଠ ନେତାମାନେ ସାଧାରଣସଭା, ସମାବେଶ ଜରିଆରେ ଭୋଟରମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ଲାଗି ପ୍ରଚାର କରୁଛନ୍ତି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏବଂ ଏବଂ ମହାଗଠବନ୍ଧନର ତୁଙ୍ଗ ନେତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନଘନ ସଭା ଓ ର୍‍ୟାଲିମାନ କରୁଛନ୍ତି। ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ଆସନ୍ତାକାଲି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷହେବ । ଏହି ପର୍ଯ୍ୟାୟରେ ଆସନ୍ତା ୬ ତାରିଖରେ  ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ନିମନ୍ତେ  ଭୋଟ୍ ଗ୍ରହଣ ହେବ ।  ଅନ୍ୟପକ୍ଷରେ ୧୨୨ଟି ବିଧାନସଭା ଆସନ ଲାଗି ହେବାକୁ ଥିବା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ କରାଯାଉଛି ।

ଜେଡିୟୁର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ଭାଗଲପୁରରେ ତାଙ୍କ ନେତୃତ୍ୱରେ ବିହାର ବିକାଶପଥରେ ଆଗେଇ ଚାଲିଛି ବୋଲି କହିଛନ୍ତି । ସେ କହିଛନ୍ତି ବିହାରର ବହୁବିଧ ବିକାଶ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେ କହିଛନ୍ତି, ଯଦି ଏନଡିଏ କ୍ଷମତାକୁ ଆସେ ତେବେ ବିହାରର ବିକାଶ ଦ୍ରୁତଗତିରେ ହୋଇପାରିବ ।

ଅନ୍ୟପକ୍ଷରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଭୋଜପୁରରେ ଏକ ନିର୍ବାଚନୀ ସମାବେଶକୁ ଉଦ୍‌ବୋଧନ ଦେଇ କହିଛନ୍ତି, ମେଣ୍ଟ ପକ୍ଷରୁ ଜାରି କରାଯାଇଥିବା ସଂକଳ୍ପପତ୍ରକୁ ସଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ କରାଯିବ ।

ଇତିମଧ୍ୟରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ, କଂଗ୍ରେସର ସାଧାରଣ ସଚିବ ପ୍ରିୟଙ୍କା ଗାନ୍ଧୀ, ଏଆଇଏମ୍‌ଆଇଏମ୍‌ର ମୁଖ୍ୟ ଅସାଦୁଦ୍ଦିନ ଓୱେସୀ ପ୍ରମୁଖ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

# ବିହାର-ପଲିଟିକାଲ୍

ବିହାର ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଏନ୍‌ଡିଏ ଏବଂ ମହାମେଣ୍ଟର ପ୍ରାର୍ଥୀମାନେ ପରସ୍ପରକୁ ସମାଲୋଚନା କରି ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ଚେଷ୍ଟା ଜାରି ରଖିଛନ୍ତି । ଆଜି ଦରଭଙ୍ଗାରେ ଏକ ସମାବେଶକୁ ସମ୍ବୋଧିତ କରି ବିଜେପି ନେତା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

କହିଛନ୍ତି, କାଶ୍ମୀରକୁ ଆତଙ୍କବାଦରୁ ମୁକ୍ତି ଦେବା ଲାଗି ଉଭୟ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ କଠିନ ପରିଶ୍ରମ କରିଛନ୍ତି ।

ଅନ୍ୟପକ୍ଷରେ ପାଟନାରେ ଏଲ୍‌ଜେପି-ରାମଲାସର ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ପାଟନାଠାରେ ମହାମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ କହିଛନ୍ତି, ନୀତିଶକୁମାରଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ଲାଗି ଏନ୍‌ଡିଏ ପ୍ରସ୍ତୁତ ଥିବା ଭଳି ଜଣାପଡୁନାହିଁ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେଗତ ପହିଲାରୁ ଲାଗୁ ହୋଇଥିବା **ବ୍ୟାଙ୍କିଙ୍ଗ୍ ସଂଶୋଧନ ଆଇନ୍ ୨୦୨୫** ଉପରେ ଆଲୋଚନାର ପ୍ରଚାର କରାଯିବ । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସର ଆଞ୍ଚଳିକ ମୁଖ୍ୟ ତଥା ପୂର୍ବତନ ବରିଷ୍ଠ ବ୍ୟାଙ୍କିଙ୍ଗ୍ ବୃତ୍ତିଗତ ପ୍ରଫେସର ଡକ୍ଟର ନରିନ୍ଦର କୁମାର ଭାସିନ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481, 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଫିସରମେନ୍ ଆରେଷ୍ଟ୍

ତାମିଲନାଡୁ ଓ କରାଇକାଲ୍‌ର ୩୫ ଜଣ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କାର ନୌବାହିନୀ ଗିରଫ କରିଛି । ଆନ୍ତର୍ଜାତିକ ଜଳସୀମା ଅତିକ୍ରମ କରିବା ଅଭିଯୋଗରେ ଶ୍ରୀଲଙ୍କା ନୌବାହିନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି । ସେମାନଙ୍କୁ ପଚରାଉଚରା ପାଇଁ ଜାଫ୍‌ନା ମତ୍ସ୍ୟ କାର୍ଯ୍ୟାଳୟର ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ଦିଆଯାଇଛି । ସଂପୃକ୍ତ ମତ୍ସ୍ୟଜୀବୀମାନେ ୩ଟି ଯନ୍ତ୍ରଚାଳିତ ଡଙ୍ଗାରେ ସମୁଦ୍ର ମଧ୍ୟରେ ମାଛ ମାରୁଥିବା ବେଳେ ଆନ୍ତର୍ଜାତିକ ଜଳସୀମା ଅତିକ୍ରମ କରିଯାଇଥିଲେ । ସେମାନେ ବ୍ୟବହାର କରୁଥିବା ଡଙ୍ଗାକୁ ଶ୍ରୀଲଙ୍କା ପ୍ରଶାସନ ଜବତ କରିଛି ।